بسم الله الرحمٰن الرحيم

ଖୁତବା ଜୁମା ୯ ଅଗଷ୍ଟ ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

# ଜଲସା ସାଲାନା ୟୁ.କେ ୨୦୧୯ରେ ଶାମିଲ୍ ହୋଇଥିବା ଅତିଥିମାନଙ୍କର ବିଶ୍ୱାସବର୍ଦ୍ଧକ ପ୍ରତିକ୍ରିୟା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନଓର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଅଲ୍ଲାଃତାଲାଙ୍କ କୃପାରୁ ଗତ ରବିବାର ଦିନ ୟୁ.କେର ଜଲସା ସାଲାନା ମହା ସମାରରେ ଉଦଯାପିତ ହୋଇଛି । ଅଲ୍ଲାତାଲାଙ୍କର ଅଗଣିତ ବରକତ୍ ଏହି ଜଲସା ସହ ଜଡ଼ିତ ରହିଛି ଏବଂ ତାଙ୍କରି କୃପା ବଳରେ ଆମେ ଉକ୍ତ ବରକତର ବାହାକକାରୀ ହୋଇପାରିଛୁ । ସର୍ବପ୍ରଥମେ ମୁଁ ଜଲସାରେ ନିୟୋଜିତ ହୋଇଥିବା ପରୁଷ ଏବଂ ମହିଳା କର୍ମୀମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି । ଯେଉଁମାନେ ବିଭିନ୍ନ ବିଭାଗରେ କର୍ମରତ ଏବଂ ସହାୟକ ବା ସହାୟିକା ଠାରୁ ଆରମ୍ଭ କରି ଅଫିସର ପର୍ଯ୍ୟନ୍ତ ନାରୀ ପୁରୁଷ, ଯୁବକ ଏବଂ ବୟସ୍କ ପ୍ରତ୍ୟେକ ନିଃସ୍ୱାର୍ଥ ହୋଇ ଡ୍ୟୁଟି ଦେଉଥିଲେ ଏବଂ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ଏବଂ ନିଜର ବ୍ୟବହାରିକ କର୍ମ ଓ ଆଚରଣ ମାଧ୍ୟମରେ ଇସଲାମର ପ୍ରକୃତ ଛବି ଲୋକମାନଙ୍କ ଆଗରେ ଉପସ୍ଥିତ କରୁଥିଲେ । ହୁଜୁର ଅଓନର ଅ.ବ କହିଲେ ବର୍ତ୍ତମାନ ମୁଁ କେତେକ ଲୋକମାନଙ୍କର ପ୍ରତିକ୍ରିୟାମୂଳକ ମନ୍ତବ୍ୟ ଉପସ୍ଥାପିତ କରିବି ।

ମାଲେ ହୋ ୟାକୁବ ସାହେବ ଭାଇସ ପ୍ରେସିଡ଼େଣ୍ଟ ମୁସଲିମ କମ୍ୟୁନିଟି ବେନନ୍ ବର୍ଣ୍ଣନା କରନ୍ତି ଯେ, ମୁଁ ୨୦ରୁ ଉର୍ଦ୍ଧ୍ୱ ଥର ହଜ୍ ଯାତ୍ରା କରିଛି କିନ୍ତୁ ଜମଆତେ ଅହମଦିୟାର ଜଲସାରେ ଶାମିଲ ହୋଇ ମୋତେ ହଜ୍ଜର ବ୍ୟବସ୍ଥା ଠାରୁ ଏଠିକାର ବ୍ୟବସ୍ଥାମାନଙ୍କୁ ଦେଖିବାର ସୁଯୋଗ ମିଳିଛି । ମୁଁ ଏଠାକୁ ଆସି ଅନେକ କଥା ଶିଖିଲି । ଅହମଦିୟତ ହିଁ ପ୍ରକୃତ ଇସଲାମ୍ । ସେ କହନ୍ତି ଯେ, ମୁଁ ବେନିନ୍ ଫେରି ସେଠାର ଲୋକମାନଙ୍କୁ କହିବି କି ସେମାନେ ଅନ୍ୟମାନଙ୍କର କଥାକୁ କର୍ଣ୍ଣପାତ କର ନାହିଁ ଏବଂ ଅହମଦିୟତ ଠାରୁ ହିଁ ସବୁ କଥା ଶିଖ । କେବଳ ଅହମଦିମାନେ ହିଁ ଆଁହଜ଼ରତ ସ.ଙ୍କର ପ୍ରତିଷ୍ଠା ଏବଂ ଭବ୍ୟତାକୁ ବର୍ଣ୍ଣନା କରୁଛନ୍ତି ।

ପୁନଶ୍ଚ ୟୁନାନରୁ ଚିଫ୍ ରିଓ୍ଵାଏ ଗିବର ନେଗରିନ୍ ସାହେବ କହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି ନିଜକୁ ଶୌଭାଗ୍ୟଶାଳୀ ମନେକରୁଛି ଯେ, ମୋତେ ଉକ୍ତ ଆନ୍ତର୍ଜାତିକ ସ୍ତରୀୟ ଜଲସାରେ ଶାମିଲ ହୋଇ ତାହାର ଅଂଶୀଦାର ହେବାର ସୁଯୋଗ ପ୍ରାପ୍ତ ହୋଇଛି । ରିଓ୍ଵାଏ ହିସାବରେ ମୁଁ ଏଠାରେ ବିଭିନ୍ନ ଧର୍ମାବଲମ୍ବୀ ସଂପର୍କିତ ଲୋକମାନଙ୍କ ପ୍ରତି ଅହମଦିୟା ମୁସଲିମ ସଂପ୍ରଦାୟର ଲୋକମାନେ ଯେଉଁ ସମ୍ମାନ ପ୍ରଦର୍ଶନ କରୁଥିଲେ ତାହାକୁ ମୁଁ ଏହି ଜଲସାରେ ଅନୁଭବ କଲି । ପୁନଶ୍ଚ କହନ୍ତି କି ଯେଉଁ ବ୍ୟକ୍ତିମାନଙ୍କ ସହିତ ମୋତେ ସାକ୍ଷାତ୍ କରିବାର ସୁଯୋଗ ମିଳିଲା ସେହି ସମସ୍ତ ସମ୍ମାନନୀୟ ଇମାମ୍‌ମାନେ ସହୃଦୟେ ମୋତେ ସମ୍ମାନିତ କଲେ । ସେହିପରି ସେ କହନ୍ତି ଯେ, ପ୍ରକୃତ ପକ୍ଷରେ ମୁଁ ଅତ୍ୟନ୍ତ ପ୍ରସନ୍ନ ଥିଲି ଯେ, ମୋତେ କେହି ଭୟଭୀତ କରୁନଥିଲେ, କେହି ଧମକୋଉ ନଥିଲେ, କୌଣସି ଅଶିଷ୍ଟ ଇଙ୍ଗିତ ମଧ୍ୟ କରୁନଥିଲେ, କେହି ଉଗ୍ର କିମ୍ବା ଲାଲି ଆଖି ଦେଖାଉ ନଥିଲେ । ମୁଁ ସେହି ହଜାର ହଜାର ବ୍ୟକ୍ତିମାନଙ୍କ ମଧ୍ୟରେ ମୁକ୍ତଭାବେ ବିଚରଣ କରିପାରୁଥିଲି । ଉକ୍ତ ଦୃଶ୍ୟଟି ଅନ୍ୟ ସ୍ଥାନ ଅପେକ୍ଷା ବିପରୀତ ଜଣେ ଅର୍ଥାତ ଅନ୍ୟ ଜାଗାରେ ଏପରି ଶାନ୍ତି, ସଦଭାବନା ଦେଖିବାକୁ ମିଳେ ନାହିଁ ।

ଉରୁଗୁଏର ଜଣେ ମହିଳା ଥିଲେ ଯିଏକି ଓରିଏଣ୍ଟାଲ୍ ଷ୍ଟଡ଼ିଜର ଅଧ୍ୟକ୍ଷ ଅଧ୍ୟାପିକା ଅଟନ୍ତି ସେ କହନ୍ତି ଯେ, ମୁଁ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଇସଲାମୀକ ରାଷ୍ଟ୍ର ଏବଂ ତାଙ୍କର ସଂଗଠନ ସଂପର୍କରେ ଅଧ୍ୟୟନ କରୁଅଛି । ଆପଣଙ୍କ ଜଲସାରେ ଶାମିଲ ହୋଇ ଦୁଇଟି ବିଶେଷତା ଦେଖିବାକୁ ପାଇଛି ଯାହା ମୁଁ ଅନ୍ୟ କୌଣସି ସ୍ଥାନରେ ଏପରି ବିଶେଷତା ଦେଖି ନାହିଁ । ପ୍ରଥମତଃ- ଜମଆତର ଏକତା ଏବଂ ଏକ ନେତୃତ୍ୱକାରୀ ବ୍ୟକ୍ତିଙ୍କ ମାଧ୍ୟମରେ ଏକତାର ଉଦାହରଣ ଅନ୍ୟ କୌଣସି ଠାରେ ଦେଖି ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜ ଖଲିଫାଙ୍କ ସହିତ ଆଜ୍ଞାକାରୀତା ଏବଂ ନିଷ୍ଠାର ଅସାଧାରଣ ସଂପର୍କ ରଖିଛନ୍ତି । ଦ୍ୱିତୀୟତଃ ଜମାଅତରେ କୌଣସି ପ୍ରକାରର ବର୍ଣ୍ଣବିଦ୍ୱେଷ ଦେଖିବାକୁ ମିଳେ ନାହିଁ । ସେ ଆଜନ୍ମ ଅହମଦି ହୁଅନ୍ତୁ କିମ୍ବା ନବାଗତ ଅହମଦି ହୁଅନ୍ତୁ, ଆରବୀୟ ହୁଅନ୍ତୁ କିମ୍ବା ଅଣଆରବୀୟ ବ୍ୟକ୍ତି ହୁଅନ୍ତୁ, ପାକସ୍ତାନୀ ହୁଅନ୍ତୁ ବା ଅଣପାକିସ୍ତାନୀ ହୁଅନ୍ତୁ । ଆପଣଙ୍କ ଜମାଅତର ପ୍ରଶାସନିକ ବ୍ୟବସ୍ଥା ପ୍ରତ୍ୟେକ ପ୍ରକାରର ବର୍ଣ୍ଣବୈଷମ୍ୟତା ଏବଂ ଗୋଷ୍ଠୀ ସଂଘର୍ଷବାଦ ଠାରୁ ପବିତ୍ର ଜଣାପଡୁଥିଲା ।

ପୁନଶ୍ଚ ମରାକଶ୍ (ମର୍କ୍କୋ ଦେଶ)ର ଜଣେ ମିତ୍ର ଅଟନ୍ତି, ସେ ଦର୍ଶନଶାସ୍ତ୍ରର ପ୍ରୋଫେସର ଅଟନ୍ତି । ସେ କହନ୍ତି ଯେ, ଜଲସାରୁ ଆମେ ଭଲ ପ୍ରତିକ୍ରିୟା ଏବଂ ସ୍ମୃତି ନେଇ ଫେରିଛୁ । ଉକ୍ତ ଜମାଅତକୁ ନିକଟରୁ ଦେଖିବାକୁ ସୁଯୋଗ ମିଳିଥିଲା । ଏହି ବିଶାଳ ସମ୍ମିଳନୀରେ ମୁଁ ଜମାଅତର ସୁଦୃଢ ସଂଗଠନଗୁଡ଼ିକୁ ବିଭିନ୍ନ ବିଭାଗରେ ବିଭକ୍ତ ହୋଇଥିବାର ଦେଖିଲି ଏବଂ ଅତିଥିମାନଙ୍କର ସର୍ବୋତ୍କୃଷ୍ଟ ସତ୍କାରର ଦୃଷ୍ଟାନ୍ତ ଦେଖିବାକୁ ପାଇଲି । ସେହିପରି ଉକ୍ତ ଜଲସାରେ ମୁଁ ଅହମଦିୟାର ସର୍ବୋଚ୍ଚ ଶିଷ୍ଟାଚାର ମଧ୍ୟ ଦେଖିବାକୁ ପାଇଲି ଯାହାକି ଇସଲାମ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ଶିକ୍ଷାର ଏକ ପ୍ରତିଛବି ଅଟେ । ଉକ୍ତ ଜଲସା ମାଧ୍ୟମରେ ବିରୋଧୀ ଶତ୍ରୁମାନଙ୍କର କୁଯୋଜନା ସଂପର୍କରେ ମିଥ୍ୟା କଥନ ଆମ ଉପରେ ଉଦଘାଟିତ ହୋଇଯାଇଛି । ଏହି ବିରୋଧୀ ଶତ୍ରୁମାନେ ଈଶ୍ୱରୀୟ ଜମାଅତ ସହିତ ଅଯଥା ତଥା ବ୍ୟର୍ଥ ଶତ୍ରୁତା ଏବଂ ବିଦ୍ୱେଷତା ପ୍ରଦର୍ଶନ କରିଥାଆନ୍ତି । ଅଲ୍ଲାଃତାଲା ଆପଣମାନଙ୍କୁ ମାନବ ସେବା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପୁନଶ୍ଚ ଗିନି କିନାକରି ଦେଶର ଜଣେ ବ୍ୟକ୍ତି ଯାହାଙ୍କ ନାଁ ହେଉଛି ଅଲ ହାଜ୍ ମହମ୍ମଦ ୱକିଲ୍ ୟାତାରା ସାହେବ । ସେ ଜଣେ ଧାର୍ମିକ ବିଷୟ ସଂପର୍କିତ ଇନସ୍ପେକ୍ଟର ଅଟନ୍ତି, ସେ କହନ୍ତି ଜଲସାର ଏହି ତିନି ଦିନରେ ମୋତେ ଯେଉଁ କଥାଟି ସବୁଠୁ ବେଶୀ ପ୍ରଭାବିତ କରିଥିଲା ତାହା ହେଲା ଯେ, ଅହମଦି ଲୋକମାନଙ୍କର ସଂସ୍କାର କେବଳ ଇସଲାମୀୟ ଶିକ୍ଷାନୁଯାୟୀ ହିଁ ହୋଇଛି ଏବଂ ସମସ୍ତ ଲୋକମାନେ ଯେଉଁମାନେ ଏଠାରେ ଏକତ୍ରିତ ହୋଇଛନ୍ତି ସେମାନେ ଏପରି ମନେହେଉଛନ୍ତି ଯେପରି ସେମାନେ ଭ୍ରାତୃତ୍ୱଭାବର ଏକ ସର୍ବୋଚ୍ଚ ଉଦାହରଣ ଅନ୍ୟମାନଙ୍କ ପାଇଁ ସ୍ଥିର କରୁଛନ୍ତି ଏବଂ ସେମାନେ ଏପରି ମନେହେଉଛନ୍ତି ଯେପରି ସେମାନେ ଗୋଟିଏ ଜନନୀର ସନ୍ତାନ ଏବଂ ସମସ୍ତେ ଗୋଟିଏ ଘରୁ ହିଁ ଆସିଛନ୍ତି । ଅସାଧାରଣ ଅନୁଶାସନ, ସ୍ୱେଚ୍ଛାକୃତ କର୍ମୀମାନଙ୍କର ହାସ୍ୟପୂର୍ଣ୍ଣ ମୁଖ, ଜଲସା ଗାହରେ କାହାରିକୁ କ୍ଷତି ନପହଞ୍ଚାଇ ଯା'ଆସ, ଏପରି ମନେହେଉଥିଲା ଯେପରି ଏମାନେ ସମସ୍ତେ ଈଶ୍ୱରଙ୍କର ସୃଷ୍ଟି ଅଟନ୍ତି । ଯାହାଙ୍କୁ ଦେଖି ଏହା ଅନୁଭବ ହେଉଥିଲା ଯେ, ଆଜି ଯଦି କୌଣସି ଜମାଅତ ଇସଲାମର ଉନ୍ନତି ସାଧନ କରିପାରିବ ତ' କେବଳ ଅହମଦିୟା ଜମାଅତ ହିଁ କରିବ । ସେ କହନ୍ତି ମୋତେ ଅନ୍ୟ ଦେଶ ବ୍ୟତୀତ ସାଉଦି ଆରବ ଯିବାକୁ ମଧ୍ୟ ସୁଯୋଗ ପ୍ରାପ୍ତ ହୋଇଛି । କିନ୍ତୁ ମୁଁ ନିର୍ଦ୍ୱନ୍ଦ୍ୱ ଓ ନିର୍ଭୀକ ହୋଇ କହୁଛି ଯେ, ମୋତେ ଏପରି ଇସଲାମୀୟ ଭ୍ରାତୃଭାବ ଦ୍ୱାରା ପରିପୂର୍ଣ୍ଣ ପରିବେଶ ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳିନାହିଁ । ମୋତେ ଏହା କହିବାକୁ ଆଦୌ ଲାଜ ମାଡୁ ନାହିଁ ଯେ, ପ୍ରାୟ ୪୦,୦୦୦ ଲୋକାମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ର କରିବା ଏବଂ ନିରନ୍ତର ଭାବେ ଇସଲାମୀୟ ଶିକ୍ଷାର ପ୍ରଚାର କରିବା ଏବଂ ତାହା ପୁଣି ବିନା କୌଣସି ବାଧା ବିଘ୍ନ, କଳହ ଏବଂ ଦଳାଚକଟାରେ ଅଲ୍ଲାଃତାଲାଙ୍କ ରସୁଲଙ୍କ ପ୍ରେମରେ ମଗ୍ନ ହୋଇ ଉକ୍ତ ତିନି ଦିନ ବିତାଇବା ଏହା କେବଳ ଅହମଦିୟା ଜମାଅତର ହିଁ ବିଶେଷ ଲକ୍ଷଣ ଅଟେ ।

କାନିତା ଫୋକାନା ଉମର୍ ସହେବା ନାମକ ଜଣେ ମହିଳା ଯିଏ ଗିନି କନାକିରିର କଷ୍ଟମ୍ ଏୟାରପୋର୍ଟରେ ଲେଫ୍ଟେନେଣ୍ଟ ପଦରେ କର୍ମରତ ଅଟନ୍ତି ଏବଂ ସେ ନୂତନ ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି । ସେ କହନ୍ତି କି ଯଦିଓ ମୁଁ ଅହମଦିୟା ଶିକ୍ଷାର ପ୍ରଭାବ ଫଳରେ ଅହମଦି ତ' ହୋଇଯାଇଥିଲି । କିନ୍ତୁ ମନରେ ଭୟ ରହୁଥିଲା ଯେ, ମୋ ଦ୍ୱାରା କୌଣସି ଭୁଲ୍ ନିଷ୍ପତ୍ତି ହୋଇନି ତ' ? କିନ୍ତୁ ଆଜି ଯେତେବେଳେ ମୁଁ ୟୁ.କେର ଜଲସା ସାଲାନାରେ ଶାମିଲ ହୋଇଛି ତେବେ ମୁଁ ଈଶ୍ୱରଙ୍କ ଶପଥ କରି କହିପାରିବି ଯେ, ମୋର ସମସ୍ତ ସନ୍ଦେହ ଏବଂ ଶଙ୍କା ଦୂର ହୋଇଯାଇଛି ଏବଂ ଜଲସାରେ ଶାମିଲ ହୋଇ ମୁଁ ସୁନିଶ୍ଚିତ ହୋଇଗଲି କି ଯେ, ପୃଥିବୀରେ ଯଦି କୌଣସି ଜମାଅତ ନେତୃତ୍ୱ ନେଇପାରିବ ତେବେ କେବଳ ଅହମଦିୟା ମୁସଲିମ୍ ଜମାଅତ ହିଁ ନେତୃତ୍ୱ ନେଇପାରିବ ।

ଗେବୁନର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ସାଂସଦ ପଲ୍ ବିୟୁଗେ ସାହେବ ଜଲସା ସାଲାନାରେ ଶାମିଲ ହୋଇଥିଲେ । ସେ କହନ୍ତି ଯେ, ଜଲସା ଚାଲିଥିବା ସମୟରେ ଉପସ୍ଥାପିତ ହୋଇଥିବା ଭାଷଣ ଦ୍ୱାରା ମୋତେ ସଠିକ ରୂପେ ଇସଲାମ, ବିଶେଷ କରି ଅହମଦିୟତ ସଂପର୍କରେ ଅବଗତ ହେବାର ସୁଯୋଗ ମିଳିପାରିଛି । ମୁଁ ଅହମଦିୟତକୁ ମଧ୍ୟ ଅନ୍ୟ ମସୁଲମାନଙ୍କ ପରି ଭାବୁଥିଲି । ଯେଉଁମାନେ ପୃଥିବୀର ସୁଖ ଶାନ୍ତିକୁ ବ୍ୟାହତ କରୁଛନ୍ତି । କିନ୍ତୁ ମୁଁ ଏଠାକୁ ଆସି ଆପଣଙ୍କ ବ୍ୟବସ୍ଥାମୂଳକ କାର୍ଯ୍ୟକ୍ରମ ଦେଖି ଗଭୀର ଭାବେ ପ୍ରଭାବିତ ହୋଇଛି । ଆପଣମାନେ ବେଶ୍ ପରିଶ୍ରମୀ, ଆପଣଙ୍କର ଇସଲାମ ହିଁ ପ୍ରକୃତ ଇସଲାମ ଅଟେ ଏବଂ ଆଜି ପୃଥିବୀକୁ ତାହାର ଆବଶ୍ୟକତା ରହିଛି । ସୁତରାଂ ମୋ ଦେଶକୁ ମଧ୍ୟ ଏହିପରି ଇସଲାମର ଆବଶ୍ୟକତା ରହିଛି ।

ସେହି ଗେବୁନରୁ ହିଁ ଅନ୍ୟ ଜଣେ ବ୍ୟକ୍ତି ଅଟନ୍ତି ଯାହାଙ୍କ ନାମ ହେଉଛି ପାସଦାଲୋ ଓଦୋଙ୍ଗା ସାହେବ, ଯିଏକି ବୈଦେଶିକ ମନ୍ତ୍ରାଳୟରେ କ୍ୟାବିନେଟ ଡ଼ାଇରେକ୍ଟର ଅଟନ୍ତି, ସେ କହନ୍ତି ଯେ, ଜଲସାର ପରିବେଶ ବେଶ୍ ଆନନ୍ଦପୂର୍ଣ୍ଣ ଥିଲା ।

ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ରହିଥିଲା । ଯାହାକୁ ମୁଁ କେବେହେଲେ ଭୁଲି ପାରିବି ନାହିଁ । ଜଲସାରେ ଶାମିଲ୍ ହୋଇ ମୁଁ ଅନେକ କିଛି ଶିକ୍ଷାଲାଭ କରିପାରିଛି । ଇସଲାମ୍ ବିଷୟରେ ଅନେକ କିଛି ଜାଣିବା ଏବଂ ବୁଝିବାର ସାମର୍ଥ୍ୟ ମୋତେ ପ୍ରାପ୍ତ ହୋଇଛି । ମୁଁ ମୁସଲମାନ ନୁହେଁ କିନ୍ତୁ ବର୍ତ୍ତମାନ ମୁଁ ନିଜକୁ ମୁସଲମାନ ବୋଲି କହୁଛି । ସେହିପରି ଜଣେ ଅତିଥି ହ୍ୟାରି ଏଲିଗୋନସା ସାହେବ ଯିଏକି ଆଫ୍ରିକାନ ରିପବଲିକ ସଭାପତିଙ୍କର ପରାମର୍ଶଦାତା ଅଟନ୍ତି, ସେ କହନ୍ତି ଯେ, ଜମାଅତ ଅହମଦିୟାର ଏକ ଉଦ୍ଦେଶ୍ୟ ରହିଛି ଯେ, ପୃଥିବୀରେ ଭ୍ରାତୃତ୍ୱଭାବ ସ୍ଥାପିତ ହେଉ ଏବଂ ଉକ୍ତ କାର୍ଯ୍ୟ ପାଇଁ ସେମାନେ ଦିବାରାତ୍ର ପରିଶ୍ରମ କରୁଛନ୍ତି । ହେଲେ ଅନ୍ୟପଟରେ ପୃଥିବୀର ଅନ୍ୟ ସଂଗଠନଗୁଡ଼ିକରେ ଏହିପରି ସର୍ବୋଚ୍ଚ ଏବଂ ଆଦର୍ଶମୂଳକ ଗୁଣାବଳୀରେ ନ୍ୟୁନତା ପରିଲକ୍ଷିତ ହୋଇଥାଏ । ଇତ୍ୟବସରରେ ମୁଁ ନିଜ ତରଫରୁ ଏବଂ ନିଜ ଦେଶ ତରଫରୁ ଉକ୍ତ ଜଲସା ସାଲାନା ସଫଳରୂପେ ଅନୁଷ୍ଠିତ ହୋଇଥିବାରୁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି ଏବଂ ମୁଁ ଜମାଅତ ଅହମଦିୟାକୁ ନିମନ୍ତ୍ରଣ ଦେଉଛି ଯେ, ଆପଣମାନେ ମୋ ଦେଶକୁ ଆସି ସେଠାରେ ମଧ୍ୟ ଏହି ଶିକ୍ଷା ଏବଂ ପ୍ରେମକୁ ସର୍ବସାଧାରଣଙ୍କୁ ପ୍ରଦାନ କରନ୍ତୁ ଏବଂ ପ୍ରଚାର କରନ୍ତୁ । ମୋ ଦେଶ ଅନେକ ବର୍ଷ ଧରି ଗୃହ ଯୁଦ୍ଧ ପରେ ବର୍ତ୍ତମାନ ଶାନ୍ତି ଅଭିମୁଖେ ଅଗ୍ରସର ହେଉଅଛି । ଏହି ଶିକ୍ଷା ବଳରେ ମୋ ଦେଶରେ ବହୁଦିନ ପର୍ଯ୍ୟନ୍ତ ଶାନ୍ତି ରହିବା ସମ୍ଭବ ହୋଇପାରିବ । ଜଲସାର ପରିବେଶ ମୋ ପାଇଁ ସର୍ବଦା ଚୀରସ୍ମରଣୀୟ ଅଟେ ଏବଂ ମୋର ଏହା ପ୍ରୟାସ ରହିବି ଯେ, ମୁଁ ପ୍ରତ୍ୟେକ ବର୍ଷ ଜଲସାରେ ଶାମିଲ୍ ହୋଇ ଆଧ୍ୟାତ୍ମିକ ପରିତୃପ୍ତି ଯେପରି ଲାଭ କରେ ଏବଂ ମୁଁ ଏଥିପାଇଁ ପ୍ରାର୍ଥନା କରୁଛି । ପୁନଶ୍ଚ କହନ୍ତି ଯେ, ବର୍ତ୍ତମାନ ମୁଁ ସେଠାକୁ ଫେରି ଜମାଅତ ଅହମଦିୟାର ବାର୍ତ୍ତାକୁ ଅନ୍ୟ ପର୍ଯ୍ୟନ୍ତ ପହଞ୍ଚାଇବି ଏବଂ କହିବି କି ଏହା ହିଁ ପ୍ରକୃତ ଇସଲାମ ଅଟେ । ବ୍ରାଜିଲର ଜଣେ ଅତିଥି ମୋରେ ହେନରୀ ସାହେବ ଯିଏକି ପେଟ୍ରୋ ପଲିକ ସିଟି କାଉନସିଲର ସଭାପତି ଅଟନ୍ତି ସେ କହନ୍ତି ଯେ, ମୁଁ ମୋ ବ୍ରାଜିଲ ଦେଶର ପ୍ରତିନିଧିତ୍ୱ କରି ଉକ୍ତ ଭବ୍ୟ ଇସଲାମୀୟ ଜଲସାରେ ଶାମିଲ ହେବାର ସୌଭାଗ୍ୟ ଅର୍ଜନ କରୁଛି । ଉପସ୍ଥିତ ଖଲିଫାଙ୍କର ସମସ୍ତ ଅଭିଭାଷଣଗୁଡ଼ିକ ପ୍ରକୃତ ଇସଲାମର ଆନ୍ଦୋଳକ । ଆପଣଙ୍କ କଥା ସ୍ୱୟଂକୃତ ରୂପେ ମନ ଭିତରେ ରେଖାପାତ କରୁଛି । ମୁଁ ଜଲସାର ତିନି ଦିନ ଆଧ୍ୟାତ୍ମିକ ପରିବେଶରେ ଅତିବାହିତ କରିଛି ଏବଂ କୌଣସି ପ୍ରକାରର କ୍ଳାନ୍ତ ଅନୁଭବ କରି ନାହିଁ । ଜଲସାରେ ନମାଜ଼ର ଦୃଶ୍ୟ ମୋ ପାଇଁ ଅସାଧାରଣ ଏବଂ ଅଦ୍ଭୁତମୂଳକ କଥା ଥିଲା । କାରଣ ସମସ୍ତେ ଗୋଟିଏ ସ୍ୱରରେ ବସି ପଡୁଥିଲେ ଏବଂ ଉଠି ପଡୁଥିଲେ । ଏହା ବ୍ୟତୀତ ଆଉ ଗୋଟିଏ କଥା ହେଉଛି ଯାହା ମୋ ଉପରେ ଏକ ଅସାଧାରଣ ପ୍ରଭାବ ପକାଇଛି, ଯାହାକୁ ନବର୍ଣ୍ଣନା କରି ମୁଁ ରହିପାରିବି ନାହିଁ ଏବଂ ତାହା ହେଉଛି ଯେ, ***ଯେତେବେଳେ ମଧ୍ୟ ଖଲିଫା କୌଣସି ସ୍ଥାନକୁ ଆସନ୍ତି ସେତବେଳେ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ଭିଡ଼ ହଠାତ୍ ନିସ୍ତବ୍ଧ ହୋଇଯାଆନ୍ତି । କାହାରିକୁ କିଛି କହିବାର ଆବଶ୍ୟକତା ପଡ଼େ ନାହିଁ । ଏଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ, କେବଳ ପ୍ରଶାସନରେ ନୁହେଁ ବରଂ ସମସ୍ତ ବ୍ୟକ୍ତିଙ୍କ ହୃଦୟରେ ନିଜ ଖଲିଫାଙ୍କ ପାଇଁ ଯେଉଁ ଗଭୀର ସମ୍ମାନ ଏବଂ ଆଦର ଭରି ରହିଛି ଏବଂ ଏହି ଅଭୁଲା ସ୍ମୃତିକୁ ନେଇ ମୁଁ ଫେରୁଛି । ମୁଁ ଏଠାରେ ଯାହାକିଛି ଅନୁଭବ ଏବଂ ଶିକ୍ଷା କରିଛି ତାହାକୁ ମୁଁ ସେଣ୍ଟର ଏବଂ କାଉନସିଲରେ ମଧ୍ୟ ପ୍ରଚାର କରିବି । ସୁତରାଂ ଏହା ହିଁ ପ୍ରକୃତ ଇସଲାମ ଅଟେ ।***

ସେହିପରି ଆଉ ଜଣେ ଅତିଥି ହେଉଛନ୍ତି ଓଣ୍ଡରଲି ମସେସ୍ ସାହେବ ଯିଏକି ଏକୱାଡ଼ୋରରୁ ଆସିଥିଲେ, ସେ ନିଜ ଅଞ୍ଚଳରେ ବିଶପ୍ ଅର୍ଥାତ ପାଦ୍ରୀ ଥିଲେ, ସେ କହନ୍ତି ଯେ, ଜଲସାର ବ୍ୟବସ୍ଥା ଅତ୍ୟୁତ୍ତମ ଥିଲା । ଖଲିଫାଙ୍କ ବକ୍ତୃତାରେ ସେହି ସମସ୍ତ କଥା ବିରାଜମାନ ଥିଲା ଯାହାକି ଆମର ଦୃଷ୍ଟିର କେନ୍ଦ୍ରବିନ୍ଦୁକୁ ପରିବର୍ତ୍ତନ କରିବା ପାଇଁ ଅବଶ୍ୟକୀୟ ହୋଇଥାଆନ୍ତି । ମୋତେ ତାଙ୍କ ବକ୍ତୃତାର ସବୁଠୁ ଭଲ କଥା ଏହା ଲାଗିଲା ଯେ, ସେ କୌଣସି ଧର୍ମ ଉପରେ ଆକ୍ଷେପ କରି ନାହାନ୍ତି ଓ ନା ସେ କୌଣସି ଧର୍ମ ବିରୁଦ୍ଧୀୟ ନକାରାତ୍ମକ କଥା କହିଛନ୍ତି । ବରଂ ତାଙ୍କର ସମସ୍ତ ବକ୍ତୃତା କେବଳ ଇସଲାମର ପ୍ରକୃତ ଏବଂ ସକାରାତ୍ମକ ଶିକ୍ଷା ଉପରେ ଆଧାରିତ ଥିଲା । ସେ କହନ୍ତି ଯେ, ମୁଁ ଯେତେବେଳେ ଏହି ଜଲସାରେ ଅଂଶଗ୍ରହଣ କରିବାର ଉଦ୍ଦେଶ୍ୟ ନେଇ ଘରୁ ବାହାରିଲି ସେତେବେଳେ ମୋ ମସ୍ତିଷ୍କ ଇସଲାମକୁ କେବଳ ଏକ ଧର୍ମ ରୂପେ ଚିହ୍ନି ନଥିଲା ବା ଜାଣି ନଥିଲା ବରଂ ଏକ ଭବ୍ୟ ଜାତି ଏବଂ ଏକ କୁଟୁମ୍ବ, ଏକ ପରିବାର ପରି ଅଟେ । ମୁଁ ଇସଲାମ ଦ୍ୱାରା ସ୍ଥିରୀକୃତ ଭ୍ରାତୃତ୍ୱଭାବ ଗୋଷ୍ଠୀ ଏବଂ ଆପଣଙ୍କର ନିଜ ଧର୍ମ ପ୍ରତି ଯେଉଁ ଆନ୍ତରିକ ଉତ୍ସର୍ଗପୂର୍ଣ୍ଣ ମନୋଭାବ ରହିଛି, ତାହାକୁ ଦେଖି ମୁଁ ଗଭୀର ଭାବେ ପ୍ରଭବାତି ହୋଇଛି । ପୁନଶ୍ଚ ଆନ୍ତର୍ଜାତିକ ଦୀକ୍ଷା ଅବସରରେ କୁହନ୍ତି ଯେ, ଯେମିତି ଦୀକ୍ଷା ଆରମ୍ଭ ହେଲା ସେତେବେଳେ ମୋ କାନ୍ଧ ଉପରେ କେହି ନିଜର ହାତ ରିଖିଦେଲା ଏବଂ ମୁଁ ମଧ୍ୟ ନିଜର ହାତ ମୋ ଆଗରେ ଥିବା ବ୍ୟକ୍ତି କାନ୍ଧରେ ଥୋଇଦେଲି । ସେତେବେଳେ ମୁଁ ଏହା ଅନୁଭବ କଲି

ଯେ, ଏପରି ବିଦ୍ୟୁତ ପ୍ରବାହ ରହିଛି ଯାହାକି ଜଲସାରେ ଅଂଶଗ୍ରହଣ କରିଥିବା ସମସ୍ତ ବ୍ୟକ୍ତିଙ୍କ ମଧ୍ୟ ଦେଇ ଗତି କରୁଅଛି । ମୁଁ ବିଶେଷ ରୂପେ ଏହା ଅନୁଭବ କଲି ଯେ, ଉକ୍ତ ଦୀକ୍ଷା ପରେ ଅହମଦିମାନେ ନିଜକୁ ସତେଜ ଅନୁଭବ କରୁଥିଲେ ଏବଂ ସେମାନେ ନିଜକୁ ଏପରି ମନେକରୁଥିଲେ ଯେପରି ସେମାନଙ୍କୁ କ ନୂତନ ଜୀବନ ପ୍ରାପ୍ତ ହୋଇଯାଇଛି । ମୁଁ ସମସ୍ତ ବ୍ୟକ୍ତିଙ୍କୁ କୃତଜ୍ଞତା ଜଣାଉଛି ଯେ, ସେମାନେ ମୋତେ ଉକ୍ତ ଜଲସାରେ ଶାମିଲ ହେବା ପାଇଁ ସୁଯୋଗ ପ୍ରଦାନ କଲେ ଏବଂ ଇସଲାମର ପ୍ରକୃତ ଶିକ୍ଷା ସହିତ ମୋତେ ପରିଚିତ କରାଇଲେ ଏବଂ ବର୍ତ୍ତମାନ ମୋତେ ବିଶେଷ ରୂପେ ଏହା ଅନୁଭୂତ ହେଉଛି ଯେ, ଆମେ କେତେକ ଲୋକଙ୍କର ଅପକର୍ମ କାରଣରୁ ସଂପୂର୍ଣ୍ଣ ଧର୍ମକୁ ଭୁଲ୍ ବୋଲି ମନେକରିବା ଉଚିତ ନୁହଁ ।

ହୁଜୁର ଅନୱର ଅ.ବ କହିଲେ : ସିଲଭେନିଆର ବାରବ୍ରାଉଚେ ସାହେବା ଯିଏକି ଖ୍ରୀଷ୍ଟ ଧର୍ମର ପ୍ରଫେସର ଅଟନ୍ତି ସେ କହନ୍ତି ଯେ, ମୁଁ ଏପରି ଇସଲାମ୍ କେବେହେଲେ ଦେଖି ନାହିଁ ଯେପରି ଜମାଅତ ଅହମଦିୟା ଉପସ୍ଥାପିତ କରୁଛି । ଜଲସାକୁ ଦେଖି ଏପରି ପ୍ରତିତ ହେଉଥିଲା ଯେପରି ମୁଁ ଏକ ନୂତନ ଇସଲାମ ଧର୍ମକୁ ଦେଖୁଅଛି । ଜମାଅତ ଅହମଦିୟାର ହଜ଼ରତ ଯୀଶୁ ଖ୍ରୀଷ୍ଟ ଅ.ସଙ୍କ କ୍ରୁଶର ଘଟଣା, ପ୍ରବାସ ଏବଂ ମୃତ୍ୟୁ ସଂପର୍କରେ ଯେଉଁ ମତାମତ ରହିଛି ତାହା ଅଧିକ ଗ୍ରହଣ ଯୋଗ୍ୟ ଅଟେ ଏବଂ ସତ୍ୟତା ଉପରେ ଆଧାରିତ ଅଟେ ।

ମୋନିସ୍ ସିନାନୋୱିଚ୍ ସାହେବ୍ ଯିଏକି ସିଲଭାନିଆର ଜଣେ ଲେଖକ ଅଟନ୍ତି ଏବଂ ସେ ଆଜନ୍ମ ମୁସଲମାନ ଥିଲେ । କିନ୍ତୁ ସେ କେବେହେଲେ ଇସଲାମ ଧର୍ମ ପ୍ରତି ସକାରାତ୍ମକ ରୁଚି ରଖି ନାହାନ୍ତି । ସେ କହନ୍ତି ଗତ ଦୁଇ ବର୍ଷ ହେଲା ମୁଁ ଇସଲାମ ସଂପର୍କରେ ଅଧ୍ୟୟନ ଆରମ୍ଭ କରିଛି ଏବଂ ପୁଣି ନିଜର ନମାଜ଼ ପଢିବା ମଧ୍ୟ ଆରମ୍ଭ କରିଛି । କିନ୍ତୁ କୌଣସି ଇମାମ ପଛରେ ନମାଜ଼ ପଢି ନାହିଁ । କିନ୍ତୁ ଏଠାକୁ ଆସି ଜମାଅତ ସହିତ ନମାଜ଼ ପଢିବାର ଯେଉଁ ଆନନ୍ଦ ଓ ଶାନ୍ତି ଲାଭ ହେଲା ତାହା ସଂପୂର୍ଣ୍ଣ ଭିନ୍ନ । ଜମାଅତ ଅହମଦିୟାର ଶିକ୍ଷା ଠିକ୍ ସେହିପରି ଅଟେ ଯାହା ମୁଁ ଇସଲାମ ସମ୍ବନ୍ଧରେ ନିଜେ ବୁଝିଥିଲି ଅର୍ଥାତ ପ୍ରତ୍ୟେକ ବସ୍ତୁ ସ୍ୱଭାବ ଅନୁଯାୟୀ ଅଟେ । ହୁଜୁର ଅନୱର ଅ.ବ କହିଲେ ଯେ, ଆଉ ଗୋଟିଏ କଥା ଯାହାକି ତାଙ୍କୁ ଭଲ ଲାଗିଲା ତାହା ହେଉଛି ଯେ, ଅହମଦି ଲୋକମାନେ ଯାହା କହନ୍ତି ତାହା ହିଁ କରି ଦେଖେଇ ଦିଅନ୍ତି ଏବଂ ଏହା ଆମପାଇଁ ଏକ ବହୁତ ବଡ଼ ଚ୍ୟାଲେଞ୍ଜ ମଧ୍ୟ । ତେଣୁ ଆପଣମାନେ ସର୍ବଦା ମନେରଖନ୍ତୁ ଯେ, ଆମର କହିବା ଓ କରିବା ଏକ ହେବା ଦରକାର । ତେଣୁ ଆମେମାନେ ଯାହା କହିବୁ ତାହା କରିବା ମଧ୍ୟ ଉଚିତ ।

ଇଟାଲୀର ମେଡ଼ାଲିନା ସାହେବା ଯିଏ ଭାଟିକାନର ଇସଲାମୀୟ ବିଶ୍ୱବିଦ୍ୟାଳୟରେ ପ.ଏଚ. ଡ଼ିର ଉପାଧି ଗ୍ରହଣ କରିଛନ୍ତି । ସେ କହନ୍ତି ଯେ, ଜଲସା ସାଲାନ ଆକର୍ଷଣୀୟ ଏବଂ ଶାନ୍ତିପୂର୍ଣ୍ଣ ଏବଂ ପ୍ରେମ ଦ୍ୱାରା ପରିପୂର୍ଣ୍ଣ ଥିଲା । ପ୍ରତ୍ୟେକ ବ୍ୟବସ୍ଥା ଅତ୍ୟନ୍ତ ଉତ୍କୃଷ୍ଟ ଥିଲା, ବକ୍ତୃତାଗୁଡ଼ିକ ବହୁତ ଭଲ ଥିଲା ଏବଂ ତାହା କେବଳ ଅହମଦି ଲୋକଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ତାହା ଜଲସାରେ ଉପସ୍ଥିତ ଥିବା ସମସ୍ତ ଅତିଥିଙ୍କ ପାଇଁ ଜ୍ଞାନର ପରିସୀମାରେ ବୃଦ୍ଧି ଘଟାଇବା ନିମନ୍ତେ ଉଦ୍ଦିଷ୍ଟ ଥିଲା ।

ଜୁଆଦ୍ ବୋଲାମିଲ୍ ସାହେବ ଯିଏକି ଫ୍ରାନସରେ ମିନଷ୍ଟ୍ରି ଅଫ୍ ଜଷ୍ଟିସ (ନ୍ୟାୟିକ ମନ୍ତ୍ରଳାୟ)ରେ କାମ କରନ୍ତି ସେ କହନ୍ତି ଯେ, IAAAE ଏବଂ ହ୍ୟୁମ୍ୟାନିଟି ଫାଷ୍ଟର ପ୍ରଦର୍ଶନୀକୁ ଯାଇ ଏବଂ ଆପଣଙ୍କ ଜମାଅତର କଲ୍ୟାଣମୂଳକ କାର୍ଯ୍ୟକୁ ଦେଖି ମୁଁ ଗଭୀର ଭାବେ ପ୍ରଭାବିତ ହେଲି । ପ୍ରକୃତ ଧର୍ମ ଏହି ଧର୍ମ ଅଟେ । ଯିଏ କୌଣସି ଜାତି ଏବଂ ବଂଶ ମଧ୍ୟରେ ପାତର ଅନ୍ତର ନକରି ମାନବ ସେବା କରୁଅଛି ଅର୍ଥାତ ନିଃସ୍ୱାର୍ଥପର ହୋଇ ।

ସ୍ପେନୀୟ ପ୍ରତିନିଧିମଣ୍ଡଳରେ ସୁଜ଼ାନା ମୋରାଲ୍ ନାମକ ଜଣେ ମହିଳା ଅତିଥି ଶାମିଲ ହୋଇଥିଲେ । ସେ କହନ୍ତି ଯେ, ମୋ ମତରେ“ ପ୍ରେମ ସଭିଙ୍କ ପାଇଁ ଘୃଣା କାହରିକୁ ନୁହେଁ ” ଏହି ବାକ୍ୟଟି ପୂର୍ଣ୍ଣରୂପେ ଉକ୍ତ ଭବ୍ୟ ସମ୍ମିଳନୀର ପ୍ରତିଛବି ଅଙ୍କନ କରୁଅଛି । ମୁଁ ବିଭିନ୍ନ ବ୍ୟକ୍ତିଙ୍କୁ ପରସ୍ପର ସହିତ ମିଶିଥିବାର ଦେଖିଅଛି । କିନ୍ତୁ ଏହା ଏପରି ଏକ ଧର୍ମ ଯାହାକୁ ପୃଥିବୀରେ ଶାନ୍ତିର ସ୍ଥାପନ ପାଇଁ ପ୍ରଚେଷ୍ଟା ଏବଂ ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଗମନ କରିବା ଉଚିତ ।

ଓଫରେ ସାହେବ ଯିଏକି ବ୍ରିଟିଶ ସୋସାଇଟି ଅଫ୍ ଟ୍ୟୁରନ୍ ଶ୍ରାଉଡର ପୂର୍ବତନ ଏଡ଼ିଟର ଅଟନ୍ତି, ସେ କହନ୍ତି ଯେ, ମୁଁ ନିୟମିତ ପାଞ୍ଚ ବର୍ଷ ହେଲା ଜଲସାକୁ ଆସୁଛି ଏବଂ ମୁଁ ଏହା କହିବାକୁ ବାଧ୍ୟ ଯେ, ଏହି ଜଲସା ନିଜର ଆକର୍ଷଣମୂଳକ ଦୁଆ ଦ୍ୱାରା ପରିପୂର୍ଣ୍ଣ ସେହି ମନୋଭାବକୁ ସମାପ୍ତ ହେବାକୁ ଦେଇନାହିଁ, ଯାହା ମୋତେ ସେତେବେଳେ ମଧ୍ୟ ଅନୁଭୂତ ହୋଇଥିଲା ଯେତେବେଳେ ମୋତେ ଉକ୍ତ ଜଲସାରେ ପ୍ରଥମ ଥର ପାଇଁ ନିମନ୍ତ୍ରିତ କରାଯାଇଥିଲା । ମୁଁ ଶ୍ରାଉଡ୍ ଅଫ୍ ଟ୍ୟୁରନର ବିଶେଷଜ୍ଞ

ଅଟେ ଏବଂ ଏହା ଏପରି ଏକ ବସ୍ତ୍ର ଅଟେ ଯାହା ଜମାଅତ ଅହମଦିୟାରେ ଅତ୍ୟନ୍ତ ମନୋରଞ୍ଜନ ଧର୍ମୀୟ ଅଟେ । କାରଣ ଏହା ସେହି କଥାର ପ୍ରମାଣ ଯେ. ହଜ଼ରତ୍ ଯୀଶୁ ଖ୍ରୀଷ୍ଟଙ୍କର ମୃତ୍ୟୁ କ୍ରୁଶରେ ହୋଇ ନଥିଲା ।

ପୁନଶ୍ଚ କାନାଡ଼ାର ଏବ୍ରିଖେବଲ୍ କମ୍ୟୁନିଟିର ପ୍ରତିନିଧି ଚିଫ୍ ମିୟନଗମ୍ ହେନରୀ ସାହେବ କହନ୍ତି ଯେ, ଜଲସା ସାଲାନାରେ ଅଂଶ ଗ୍ରହଣ କରିବା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା। କାରଣ ଏହା ଦ୍ୱାରା ମୋ ଜୀବନର ଗତିପଥ ବଦଳି ଯାଇଛି । ବର୍ତ୍ତମାନ ମୁଁ ଇସଲାମ ସଂପର୍କରେ ପୂର୍ବାପେକ୍ଷା ଅଧିକ ଜାଣିଛି ଏବଂ ମୁଁ ଏହା ଅନୁଭବ କରିଛି ଯେ, ଇସଲାମ ଓ କାନାଡ଼ାର ପ୍ରାଚୀନ ଧର୍ମ ମଧ୍ୟରେ ଅନେକ ସାଦୃଶ୍ୟମୂଳକ କଥା ଦେଖିବାକୁ ମିଳେ ।

ବେଲିଜ଼ର ଜଣେ ମହିଳା ଅତିଥି ୱିନେ ଟ୍ରିଉ ଡ଼ାଇରେକ୍ଟର ଅଫ୍ ନ୍ୟୁଜ ଲୱାଇପ୍. ଏମ୍ କହନ୍ତି ଯେ, ମୁଁ ଅହମଦି ଲୋକଙ୍କ ମଧ୍ୟରେ ଯେଉଁ ଏକତା ଦେଖିଛି ତାହା ମନୁଷ୍ୟ ମଧ୍ୟରେ ଏକ ନୂତନ ଆତ୍ମସଂଚାର ସୃଷ୍ଟିକାରୀ ଅଟେ । ଏହାକୁ ଦେଖି ମନରେ ଶାନ୍ତି ପ୍ରାପ୍ତ ପାଇଁ ଅଭିଳାଷା ମୁଣ୍ଡ ଟେକି ଉଠୁଛି । ବ୍ୟବସ୍ଥା ଅତ୍ୟନ୍ତ ସଦୃଢ ଓ ଅନୁକୂଳ ଥିଲା । ଜମାଅତର ଇମାମଙ୍କ ଅଭିଭାଷଣ ସାଂପ୍ରତିକ ଯୁଗର ଆବଶ୍ୟକତା ଅନୁଯାୟୀ ଯୁଗନୁପଯୋଗୀ ଏବଂ ଯୁଗାନୁସାରୀ ଥିଲା ।

ବିଲିଜ଼ର ଚେଷ୍ଟର ୱିଲିୟମ୍ ସାହେବ ଯିଏକି ପୁଲିସ କମିଶନର ଅଟନ୍ତି ସେ କହନ୍ତି ଯେ, ଇସଲାମ  ସଂପର୍କରେ ମୋର ଜ୍ଞାନରେ ବୃଦ୍ଧି ଘଟିଛି । ଉକ୍ତ ଜଲସାରେ ଶାମିଲ୍ ହେବା ପୂର୍ବରୁ ମୋତେ ଏହା ଲାଗୁଥିଲା ଯେ, ମୁସଲମାନମାନେ ସମସ୍ତେ ଏକାପରି ଅଟନ୍ତି । ବର୍ତ୍ତମାନ ମୁଁ ବୁଝିପାରୁଛି ଯେ, ମୁସଲମାନମାନଙ୍କର ଆହୁରି ଅନେକ ଜାତି ରହିଛନ୍ତି । ପ୍ରଶଂସନୀୟ କଥା ହେଉଛି ଯେ, ଅହମଦିମାନେ ଶାନ୍ତିକୁ ସର୍ବତ୍ରରେ ପ୍ରକାଶ କରନ୍ତି ଏବଂ ଯୁବ ପିଢୀଙ୍କ ସଂସ୍କାର ପାଇଁ ବହୁ ସମୟ ବିନିଯୋଗ କରଥାଆନ୍ତି ।

ମେକ୍ସିକୋର ମାରିୟା ସାହେବା ଉଲ୍ଲେଖ କରନ୍ତି ଯେ, ମୋର ଇସଲାମ ଧର୍ମରେ ଦିକ୍ଷୀତ ହେବାକୁ ୨ ମାସ ହୋଇଛି । ଇସଲାମ ସଂପର୍କରେ ମୋର ଅନେକ ପ୍ରଶ୍ନ ରହିଥିଲା । ଜଲସାରେ ଶାମିଲ ହେବା ଫଳରେ ମୋର ଇସଲାମ ସଂପର୍କରେ ଜ୍ଞାନରେ ବୃଦ୍ଧି ଘଟିଛି ଏବଂ ମୋର ସମସ୍ତ ପ୍ରଶ୍ନ ଏବଂ ସନ୍ଦେହ ଦୂର ହୋଇଯାଇଛି ।

ହୁଜୁର ଅନୱର କହିଲେ : ଅଲ୍ଲାଃତାଲା ଜଲସାରେ ଶାମିଲ ହୋଇଥିବା ସମସ୍ତ ଅହମଦିମାନଙ୍କ ପାଇଁ ଉକ୍ତ ଜଲସା ସେମାନଙ୍କ ବିଶ୍ୱାସବର୍ଦ୍ଧକ ହେବାର କାରଣ ସାଜୁ ।

ଖୁତବାର ଶେଷରେ ହୁଜୁର ଅନୱର ଅ.ବ ସ୍ୱର୍ଗତ ମୁଜିବୁର ରହମାନ ସାହେବ ଆଡ଼ଭୋକେଟଙ୍କର ଜନାଯାଃ ଗାଏବ୍ ପଢେଇବା ପାଇଁ ଘୋଷଣା କଲେ । ଯାହାଙ୍କର ୩୦ ଜୁଲାଇ ୨୦୧୯ରେ ରବୱାର ତାହେର ହାର୍ଟ ଇନଷ୍ଟିଚ୍ୟୁଟ୍ ଠାରେ ୮୫ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜିଉନ୍ ।

**KHULASA KHUTBA JUMA HUZOOR ANWAR a.b.a**

........................................................

**9th Aug 2019**